# ଜିଲ୍ଲା ମହୋତ୍ସବରେ ଅନୁଷ୍ଠିତ ହେଲା ଯୋଗ ପ୍ରାଣାୟାମ ଶିବିର ।

ଅନୁଗୋଳ ୧୨.୦୨ : ଅଷ୍ଟମ ଜିଲ୍ଲା ମହୋତ୍ସବରେ ପତଂଜଳୀ ଯୋଗ ସମିତି ଦ୍ୱାରା ଆଜି ପ୍ରତ୍ୟୁଷରେ ଷ୍ଟାଡିୟମ ପଡିଆରେ ୨ ଦିନିଆ ଯୋଗ ପ୍ରାଣାୟମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଜଗଦୀଶ ରାଏ ଉଦଘାଟନ କରିଛନ୍ତି । ପତଂଜଳୀ ଯୋଗ ସମିତିର ଜିଲ୍ଲା ପ୍ରଭାରୀ ଶ୍ରୀ ଅଭୟ ରାୟ ଏହି ଶିବିରରେ ଯୋଗ ଦେଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଂକୁ ଯୋଗ ଓ ପ୍ରାଣାୟମର ଉପାଦେୟତା ସମ୍ପର୍କରେ କହିଥିଲେ । ପାଠପଢା ସହିତ ପ୍ରତ୍ୟହ ଯୋଗ,ପ୍ରାଣାୟମ ଓ ବ୍ୟାୟମ ଜାରି ରଖିଲେ ସ୍ମରଣ ଶକ୍ତି ବୃଦ୍ଧି ପାଇବା ସହ ପାଠରେ ଏକାଗ୍ରତା ରହିବ ବୋଲି ଜିଲ୍ଲା ପ୍ରଭାରୀ ଶ୍ରୀ ରାୟ ଛାତ୍ର ଛାତ୍ରୀମାନଂକୁ ଅବଗତ କରିଥିଲେ । ଏହାଛଡା ବିଭିନ୍ନ ପ୍ରାଣାୟମର ବିଧି ଓ ଏହାର ଉପାଦେୟତା ସମ୍ପର୍କରେ ସେ ଅବଗତ କରିଥିଲେ । ପତଂଜଳୀ ଯୋଗ ସମିତି ଜିଲ୍ଲାରେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସହିତ ବିଦ୍ୟାଳୟ ଗୁଡିକରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଂକୁ ଯୋଗ ଓ ପ୍ରାଣାୟମ ଶିଖାଇବାର ପ୍ରୟାସ ଜାରି ରଖିଛନ୍ତି ବୋଲି ଜିଲ୍ଲା ପ୍ରଭାରୀ ପ୍ରକାଶ କରିଥିଲେ । ଆସନ୍ତାକାଲି ମହୋତ୍ସବର ଉଦଯାପନି ଦିବସର ପ୍ରତ୍ୟୁଷରୁ ଏହି ଯୋଗ ଓ ପ୍ରାଣାୟମ ଅନୁଷ୍ଠିତ ହେବ । ଏହି ଶିବିରରେ ପତଂଜଳୀ ଯୋଗ ସମିତିର ସଦସ୍ୟ ଶ୍ରୀ ଅମୀୟ କର, ସଂଜିବ ନାୟକ, ଜ୍ୟୋତ୍ସ୍ନାରାଣୀ ସାହୁ, ସୁଷମା ବେହେରା, ପ୍ରମୋଦ ପ୍ରଧାନ,ବୀରବର ସାହୁ, ରାମକୃଷ୍ଣ ତ୍ରିପାଠୀ,ସଂଜୟ ପ୍ରଧାନ ଓ ଅସିତ୍ ଦାସ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ । ଏହି ଶିବିରରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟ, ସଂସ୍କୃତ ମହାବିଦ୍ୟାଳୟ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବିବେକାନନ୍ଦ ଟ୍ୟୁଟୋରିଆଲର ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ଯୋଗ ଓ ପ୍ରାଣାୟମ ଅଭ୍ୟାସ କରିଥିଲେ ।




vivo S1 Pro
48MP AI Quad Camera
2020.02.12 07:53

